ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଟୁଇଟର ଅଭିଯୋଗ ଉପରେ
# ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ତ୍ୱରିତ ପଦକ୍ଷେପ

## ମାପ ଓ ଓଜନରେ ଠକେଇ ଅଭିଯୋଗରେ
## ପିଡ଼ିଏସ୍ ରିଟେଲ୍ ଲାଇସେନ୍ସ ସସ୍‌ପେଣ୍ଡ

ଭୁବନେଶ୍ୱର : ୧୪ ଅପ୍ରେଲ୍,୨୦୨୦

ପିଡ଼ିଏସ୍ ସାମଗ୍ରୀ ବିକ୍ରି ବେଳେ ମାପ ଓ ଓଜନରେ ଠକିଥିବା ଅଭିଯୋଗରେ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମପଞ୍ଚାୟତର ରିଟେଲର ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କର ପିଡ଼ିଏସ୍ ରିଟେଲ୍ ଲାଇସେନ୍ସ୍‌କୁ ପୁରୀ ଉପଜିଲ୍ଲାପାଳ ସସ୍‌ପେଣ୍ଡ କରିଛନ୍ତି । ହରିପୁର ଗ୍ରାମବାସୀଙ୍କଠାରୁ ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ବିଧିବଦ୍ଧ ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟ ହସ୍ତଗତ ହେବାପରେ ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୁରୀ ଜିଲ୍ଲାପାଳଙ୍କ ଶ୍ରୀ ବଲୱନ୍ତ ସିଂଙ୍କୁ ଟୁଇଟ୍ କରି ଜଣାଇଥିଲେ ।

ସେହିପରି କୋରାପୁଟ ଜିଲ୍ଲାର ଦୋରାଗୁଡ଼ ଗ୍ରାମପଞ୍ଚାୟତର କେନ୍ଦୁଗୁଡ଼ା ଗ୍ରାମର ବିଧବା ଭତ୍ତା ହିତାଧିକାରୀ ଡମଣି ପାମିଆ ରାସନ କାର୍ଡ ଥିଲେ ମଧ ଗତ ଏକ ବର୍ଷ ହେଲା ବ୍ଲକ ହୋଇଯାଇଥିଲା । ଟୁଇଟର ମାଧ୍ୟମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏ ସମ୍ପର୍କରେ ଅବଗତ ହେବାପରେ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଡ଼ମଣି ପାମିଆ ପୁତ୍ର ଶ୍ରୀ ଖଗପତି ପାମିଆଙ୍କୁ ଆଗୁଆ ୩ ମାସ ପାଇଁ ଦିଆଯାଉଥିବା ରେସନ ବାବଦକୁ ୬୦ କେଜି ଚାଉଳ ଓ ନଗଦ ରିଲିଫ ଅର୍ଥ ଆକାରରେ ୧୦୦୦ ଟଙ୍କା ପ୍ରଦାନ କରାଯାଇଛି ।

ଏଥିସହିତ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ୍‌ର ଉକ୍ରେଳା ଗାଁର ବିଧବା ବୃଦ୍ଧା ନିପୁର ପୁଟେଲ ରାସନ କାର୍ଡ଼ ନଥିବାରୁ ରିହାତି ଚାଉଳ ପାଇ ନଥିବା ସମ୍ବାଦପତ୍ର ମାଧ୍ୟମରେ ଅବଗତ ହେବାପରେ ତୁରନ୍ତ ଏ ଦିଗରେ ସ୍ଥାନୀୟ ପ୍ରଶାସନ ସହ ଯୋଗାଯୋଗ କରିବା ପରେ ବୃଦ୍ଧାଙ୍କୁ ପିଡ଼ିଏସ୍ ରାସନ ସାମଗ୍ରୀ ଏବଂ ନଗଦ ରିଲିଫ ଆକାରରେ ୧୦୦୦ ଟଙ୍କା ପ୍ରଦାନ କରାଯାଇଥିଲା ।

ସେହିପରି ଏକ ବିଶେଷ ସୂତ୍ରରୁ ଖବର ପାଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୋରାପୁଟ ଜିଲ୍ଲାର ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଜିଲ୍ଲାରେ ରାସନ ପ୍ରଦାନରେ ଚାଲିଥିବା ଅନିୟମିତତାକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲ୍ଲାର ମୁଖ୍ୟ ଯୋଗାଣ ଅଧିକାରୀ ଏଥିରେ ହସ୍ତକ୍ଷେପ କରି ଜିଲ୍ଲାର ପଦ୍ମପୁର ଗ୍ରାମପଞ୍ଚାୟତ ଅଧିନସ୍ଥ ରେଙ୍ଗିଆଗୁଡ଼ା ଗ୍ରାମର ଅନ୍ତୋଦୟ କାର୍ଡ଼ଧାରୀ

ଗୌରୀମାଳ କୁଲଦୀପ୍‌ଙ୍କୁ ସରକାରଙ୍କ ଯୋଜନା ମୁତାବକ ୩ ମାସ ପାଇଁ ୧୦୫ କେଜି ଚାଉଳ ଏବଂ ୧୦୦୦ ଟଙ୍କା ରିଲିଫ୍ ପ୍ରଦାନ କରିଥିଲେ ।

ତାପସ କୁମାର ସାହା

ସୂଚନା ଅଧିକାରୀ